# NATIONAL NEWS BULLETIN (ODIA)

## 7 August - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ନ୍ୟୁଜିଲାଣ୍ଡରେ ପହଞ୍ଚିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଅର୍ଥବିଲ୍ ୨୦୨୪ ଉପରେ ଲୋକସଭାରେ ଆଲୋଚନା ଜାରି ।
- ବାଂଲାଦେଶରେ ମଧ୍ୟବର୍ତ୍ତୀକାଳିନ ସରକାରଙ୍କ ମୁଖ୍ୟ ଭାବେ ନିଯୁକ୍ତ ହେଲେ ନୋବେଲ୍ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍ ।
- ସମଗ୍ର ଦେଶରେ ଆଜି ପାଳିତ ହେଉଛି ଦଶମ ଜାତୀୟ ହସ୍ତତନ୍ତ ଦିବସ ।

ଏବଂ

- ଅଲିମ୍ପିକ୍ସର ମୁଷ୍ଟି ଯୋଦ୍ଧା ପ୍ରତିଯୋଗିତାରେ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲେ ବିନେଶ ଫୋଗଟ୍ ।

## ଫ୍ରେଜ୍-ନ୍ୟୁଜିଲାଣ୍ଡ

ତିନି ରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନ୍ୟୁଜିଲାଣ୍ଡରେ ପହଞ୍ଚିବେ । ସେଠାକାର ଗଭର୍ଣ୍ଣର ଜେନେରାଲ୍ ଦାମେ ସିଣ୍ଡି କାଇରୋଙ୍କ ଆମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ସେଠାକୁ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ କାଇରୋ ଏବଂ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲୁକ୍ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀରେ ଯୋଗଦେବା ସହ ନ୍ୟୁଜିଲାଣ୍ଡରେ ବସବାସ କରୁଥିବା ଭାରତୀୟ ସମୁଦାୟକଙ୍କ ସହ ଭାବବିନିମୟ କରିବେ । ଭାରତ-ନ୍ୟୁଜିଲାଣ୍ଡ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ରାଷ୍ଟ୍ରପତିଙ୍କର ଏହି ଗସ୍ତର ଲକ୍ଷ୍ୟ । ଫିଜିକୁ ଦୁଇଦିନିଆ ଗସ୍ତ ଶେଷ କରି ରାଷ୍ଟ୍ରପତି ନ୍ୟୁଜିଲାଣ୍ଡରେ ପହଞ୍ଚିବେ । ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ  ଫିଜିକୁ ଗସ୍ତ କରିଥିଲେ । ସେଠାରେ ସେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ । ନାଦି ସ୍ଥିତ ଶ୍ରୀ ଶିବ ସୁବ୍ରମଣ୍ୟା ମନ୍ଦିର ଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ 'କମ୍ପାନିୟନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି' ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଲୋକସଭା

ଲୋକସଭାରେ ଗତକାଲି ଅର୍ଥ ବିଲ୍ ୨୦୨୪ ଉପରେ ଆଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି କଂଗ୍ରେସର ଡାକ୍ତର ଅମର ସିଂହ କେନ୍ଦ୍ର ବଜେଟ୍‌ରେ କେବଳ ଉଚ୍ଚ ଆୟବର୍ଗର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ । କଂଗ୍ରେସର ଅନ୍ୟତମ ସଦସ୍ୟ ଦୀପେନ୍ଦ୍ର ହୁଡ୍ଡା ଦେଶରେ ଏଫ୍.ଡି.ଆଇ. କ୍ରମାଗତ ହ୍ରାସ ପାଉଛି ବୋଲି କହିଥିଲେ । ଟି.ଏମ୍.ସି.ର ମହୁଆ ମୈତ୍ର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସର ସନ୍ତୁଳନ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଆଲୋଚନାରେ ଭାଗ ନେଇ ବିଜେପିର ନିଶିକାନ୍ତ ଦୁବେ କହିଥିଲେ, କେନ୍ଦ୍ର ବଜେଟ୍‌ରେ ଆଞ୍ଜେଲ ଟିକସ୍ ଉଚ୍ଛେଦ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହାଦ୍ୱାରା ଷ୍ଟାର୍ଟଅପ୍ ଏବଂ ଯୁବବର୍ଗଙ୍କ ନିଯୁକ୍ତି ସମ୍ଭାବନାକୁ ଅଧିକ ତ୍ୱରାନ୍ୱିତ କରିବ । ଅଗ୍ନିବୀର ଯୋଜନାର ସମାଲୋଚନାକୁ ସେ ଖଣ୍ଡନ କରିଥିଲେ । କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର ଅଭିଯୋଗକୁ ମଧ୍ୟ ସେ ଖଣ୍ଡନ କରିବା ସହ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ସି.ବି.ଆଇ. ଏବଂ ଇ.ଡି. ଉପରେ କୌଣସି ପ୍ରକାର ଚାପ ପ୍ରୟୋଗ କରାଯାଉ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆଲୋଚନା ଅସମାପ୍ତ ରହିବା ସହ ଗୃହକୁ ଗତକାଲି ପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

## ଜୟଶଙ୍କର-ବାଂଲାଦେଶ

ବାଂଲାଦେଶରେ ଅଶାନ୍ତ ପରିସ୍ଥିତି ସତ୍ତ୍ୱେ ଭାରତ କୂଟନୈତିକ ଅଭିଯାନ ଜରିଆରେ ସେଠାକାର ଭାରତୀୟ ନାଗରିକଙ୍କ ସହ ନିୟମିତ ଯୋଗାଯୋଗରେ ଅଛି । ବାଂଲାଦେଶ ସ୍ଥିତି ସମ୍ପର୍କରେ ସଂସଦର ଉଭୟ ଗୃହରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତାକାଲି ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ପ୍ରାୟ ୯ ହଜାର ବିଦ୍ୟାର୍ଥିଙ୍କ ସମେତ ୧୯ ହଜାର ଭାରତୀୟ ନାଗରିକ ବାଂଲାଦେଶରେ ଅଛନ୍ତି ।

ସେ କହିଛନ୍ତି, ଢାକା ସ୍ଥିତ ହାଇ କମିଶନ୍‌ଙ୍କ ପରାମର୍ଶ କ୍ରମେ ଗତ ମାସରେ ଭାରତକୁ ସେଠାରେ ରହୁଥିବା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।  ବିଭିନ୍ନ ଗୋଷ୍ଠୀ ଏବଂ ସଂଗଠନ ପକ୍ଷରୁ ସେଠାରେ ରହୁଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ କୁହାଯାଇଛି । ବାଂଲାଦେଶରେ ଆଇନ୍ ଶୃଙ୍ଖଳା ସ୍ଥିତି ଫେରି ଆସିବା ପର୍ଯ୍ୟନ୍ତ ଭାରତ ସତର୍କତା ଅବଲମ୍ବନ କରିବ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ଭାରତୀୟ ସୀମା ସୁରକ୍ଷା ବାହିନୀକୁ ମଧ୍ୟ ସତର୍କତା ଅବଲମ୍ବନ କରିବା ପାଇଁ କୁହାଯାଇଥିବା ସେ ଚୂନା ଦେଇଛନ୍ତି ।

# ଏମ୍‌ଇଏ-ଲିବିୟା ଆଡଭାଇଜରି

ଅତି ଆବଶ୍ୟକ ନ ପଡ଼ିଲେ ଲିବିୟା ଯାତ୍ରାରୁ ନିବୃତ ରହିବାକୁ ଭାରତୀୟ ନାଗରିକଙ୍କ ପାଇଁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ସେଠାକାର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପରାମର୍ଶ ଦିଆଯାଇଛି । ଆଗାମୀ ଦିନରେ ପରିସ୍ଥିତିରେ ପରିବର୍ତ୍ତନ ଆସିଲେ ଲିବିୟାକୁ ଯାତ୍ରା ନେଇ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ସେହିଭଳି ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କୁହାଯାଇଛି । ଏପରିକି ସଡ଼କ ପଥରେ ଆନ୍ତଃ ପ୍ରଦେଶ ଯାତ୍ରାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ସ୍ଥଳେ ତ୍ରିପୋଲିରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି ।

# ବାଂଲାଦେଶ-ମଧ୍ୟବର୍ତ୍ତୀକାଳିନ ସରକାର

ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ମଧ୍ୟବର୍ତ୍ତୀକାଳିନ ସରକାରଙ୍କ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି । ଢାକା ସ୍ଥିତ ରାଷ୍ଟ୍ରପତି ଭବନ ବଂଗଭବନରେ ଗତକାଲି ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ତିନି ସେନା ମୁଖ୍ୟ ଏବଂ ଆନ୍ଦୋଳନରତ ଛାତ୍ର ସଂଗଠନର ୧୩ ଜଣିଆ

ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିଥିଲେ । ରାଷ୍ଟ୍ରପତିଙ୍କ ଗଣମାଧ୍ୟମ ଯୋଗାଯୋଗ ସଚିବ ମହମ୍ମଦ ଜୋୟନାଲ୍ ଆବେଦିନ୍ କହିଛନ୍ତି, ମଧ୍ୟବର୍ତ୍ତୀ ସରକାରର ଅନ୍ୟ ସଦସ୍ୟମାନଙ୍କୁ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ସହ ଆଲୋଚନା ପରେ ଚୂଡ଼ାନ୍ତ କରାଯିବ । ରାଷ୍ଟ୍ରପତି ସଂସଦକୁ ଭଙ୍ଗ କରିଛନ୍ତି ।

ସୂଚନା ଯୋଗ୍ୟ ୮୪ ବର୍ଷିୟ ୟୁନୁସ୍ ମଧ୍ୟବର୍ତ୍ତୀ ସରକାରର ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି ବୋଲି ଆନ୍ଦୋଳନରତ ଛାତ୍ର ସଂଗଠନ ପକ୍ଷରୁ ସୂଚନା ଆଦିଯାଇଥିଲା । ଗ୍ରାମୀଣ ବ୍ୟାଙ୍କ୍ ଜରିଆରେ ଦାରିଦ୍ର୍ୟ ବିରୋଧୀ ଅଭିଯାନ ପାଇଁ ମହମ୍ମଦ ୟୁନୁସ୍‌ଙ୍କୁ ୨୦୦୬ରେ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବି.ଏନ୍.ପି) ମୁଖ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କୁ ଗୃହ ବନ୍ଦୀରୁ ମୁକ୍ତ କରାଯାଇଛି । ଜୁଲାଇ ମଧ୍ୟ ଭାଗରୁ ବାଂଲାଦେଶରେ ଚାଲିଥିବା ଗଣ୍ଡଗୋଳରେ ମୃତ୍ୟୁ ସଂଖ୍ୟା ୪୪୦କୁ ବୃଦ୍ଧି ପାଇଛି । ଏପରିକି ଗତ ସୋମବାର ଦିନ ସେନା ଶାସନଭାର ଦାୟିତ୍ୱ ଗ୍ରହଣ କରିବା ପରେ ମଧ୍ୟ ଦେଶର ଅନେକ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା । ପଶ୍ଚିମ ଜୋଷୋର ଜିଲ୍ଲାରେ ଆୱାମି ଲିଗ୍‌ର ଜଣେ ନେତାଙ୍କ ମାଲିକାନାରେ ଥିବା ଏକ ହୋଟେଲ୍‌ରେ ପ୍ରାୟ ୨୪ ଜଣଙ୍କୁ ଜିଅନ୍ତା ପୋଡ଼ି ଦିଆଯାଇଥିବାର ଜଣାପଡ଼ିଛି ।

## ଗଣ୍ଡକି-ଲ୍ୟାଣ୍ଡସ୍ଲାଇଡସ୍

ନେପାଳ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ୧୧ରେ ପହଞ୍ଚିଛି । ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ଜୀବନହାନୀ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରଭାବିତ ଅଞ୍ଚଳରୁ  ଚାରି ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ଥିବା ଜଣାପଡ଼ିଛି । ସେଠାରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଛି ।

## ନ୍ୟାସନାଲ୍ ହ୍ୟାଣ୍ଡଲୁମ୍ ଡେ

ଦଶମ ଜାତୀୟ ହସ୍ତତନ୍ତ ଦିବସ ଆଜି ସମଗ୍ର ଦେଶରେ ପାଳିତ ହେଉଛି । ହସ୍ତତନ୍ତ କ୍ଷେତ୍ରର ଗୁରୁତ୍ୱ ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶରେ ଏହାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ନୂଆଦିଲ୍ଲୀ ଠାରେ ଏହି ଅବସରରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଣାକାରଙ୍କୁ ସନ୍ଥ କବି ଓ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିବେ । ଏହି ଅବସରରେ ଉପରାଷ୍ଟ୍ରପତି ଭାରତର ହସ୍ତତନ୍ତ ପରମ୍ପରାରେ ସ୍ଥାୟୀତ୍ୱ ସମ୍ପର୍କିତ କଫି ଟେବୁଲ୍ ପୁସ୍ତକ ପରମ୍ପରା ଏବଂ ପୁରସ୍କାର ତାଲିକାକୁ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ

ଗିରିରାଜ ସିଂହ, ଶିଳ୍ପ ପ୍ରତିନିଧି, ରପ୍ତାନିକାରୀ ଏବଂ ଏକ ହଜାରରୁ ଅଧିକ ବୁଣାକାର ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ଏସ୍‌ବିଆଇ-ଚେୟାର୍‌ମ୍ୟାନ୍

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଏସ୍.ବି.ଆଇ.ର ଅଧ୍ୟକ୍ଷ ଭାବେ ସି.ଏସ୍. ସେଟ୍ଟିଙ୍କୁ ନିଯୁକ୍ତ କରାଯାଇଛି । ତିନି ବର୍ଷ ପାଇଁ ସେ ଏହି ଦାୟିତ୍ୱରେ ରହିବେ । ଏସ୍.ବି.ଆଇ.ର ବରିଷ୍ଠତମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସେଟ୍ଟି ଆସନ୍ତା ୨୮ ତାରିଖରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ଦିନେଶ କୁମାର ଖରାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ । ଆର୍ଥିକ ସେବା ବିଭାଗ ପକ୍ଷରୁ ଶ୍ରୀ ସେଟ୍ଟିଙ୍କ ନିଯୁକ୍ତି ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ ନିଯୁକ୍ତି କମିଟି ଅନୁମୋଦନ କରିଥିଲା ।

# ଅଲିମ୍ପିକ୍ସ

ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ କିଛି ଖବର ।

ପୁରୁଷ ହକି ପ୍ରତିଯୋଗିତାରେ ଭାରତ ଜର୍ମାନୀ ଠାରୁ ୩-୨ ଗୋଲ୍‌ରେ ପରାସ୍ତ ହୋଇଛି । ସ୍ପେନ୍ ବିପକ୍ଷରେ ବ୍ରୋଞ୍ଜ ପଦକ ପାଇଁ ଭାରତ ପରବର୍ତ୍ତି ମ୍ୟାଚ୍ ଖେଳିବ ।

୫୦ କିଲୋଗ୍ରାମ୍ ମହିଳା ଫ୍ରିଷ୍ଟାଇଲ୍ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ବିନେସ୍ ଫୋଗଟ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ସେମିଫାଇନାଲ୍‌ରେ ବିନେଶ ଟୋକିଓ ଅଲିମ୍ପିକ୍ସ ଚାମ୍ପିୟାନ୍ ଏବଂ ଚାରି ଥର ବିଶ୍ୱ ଚାମ୍ପିୟାନ୍ ଜାପାନ୍‌ର ୟି ସୁସାକିଙ୍କୁ ୩-୨ ପଏଣ୍ଟରେ ହରାଇ ଦେଇଥିଲେ ।

ନିରଜ ଚୋପ୍ରା ଜାଭ୍‌ଲିନ୍ ଥ୍ରୋରେ ୮୯ ଦଶମିକ୍ ୩/୪ ମିଟର ପ୍ରଦର୍ଶନ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଅନ୍ୟ ପକ୍ଷରେ କିଶୋର ଜେନା ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି । ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ୧୬ତମ ରାଉଣ୍ଡରେ ଚୀନ୍ ଠାରୁ ୦/୩ ସେଟ୍‌ରେ ପରାସ୍ତ ହୋଇଛି ।

ଆଜି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତା ମଧ୍ୟରେ ୫୩ କିଲୋଗ୍ରାମ କୁସ୍ତିରେ ଅନ୍ତିମ ପଙ୍ଘଲ ୩ହଜାର ମିଟର ଷ୍ଟିପୁଲ୍ ଚେଜ୍ ଫାଇନାଲ୍‌ରେ ଅବିନାଶ ସାବ୍‌ଲେ, ମହିଳା ଗଲ୍ଫ ପ୍ରତିଯୋଗିତାରେ ଅଦିତି

ଅଶୋକ ଓ ଦୀକ୍ଷା ଡାଗର ନିଜର ଭାଗ୍ୟ ପରୀକ୍ଷା କରିବେ । ସେହିଭଳି ମହିଳା ଦଳଗତ ଟେବୁଲ୍ ଟେନିସ୍ କ୍ୱାର୍ଟରର ଫାଇନାଲ୍‌ରେ ଭାରତ ଓ ଜର୍ମାନୀ ମ୍ୟାଚ୍ ଅନୁଷ୍ଠିତ ହେବ ।

## କ୍ରିକେଟ୍

ଭାରତ-ଶ୍ରୀଲଙ୍କା ଚଳିତ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ଆଜି କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ । ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ୩୨ରନ୍‌ରେ ଜିତି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ଟି ଅମିମାଂଶିତ ଭାବେ ଶେଷ ହୋଇଥିଲା । ଆଜିର ମ୍ୟାଚ୍‌କୁ ଜିତି ଶ୍ରୀଲଙ୍କା ୨୭ ବର୍ଷ ପରେ ଭାରତ ବିପକ୍ଷରେ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଜିତିବାର ଆଶା ରଖିଛି । ଅନ୍ୟ ପକ୍ଷରେ ଏହି ମ୍ୟାଚ୍ ବିଜୟୀ ହେଲେ ଭାରତ ଶ୍ରୀଲଙ୍କା ବିପକ୍ଷରେ ଚଳିତ ସିରିଜ୍‌କୁ ଅମିମାଂଶିତ ଭାବେ ଶେଷ କରିବା ସହ ୧୯୯୭ ମସିହା ପରଠାରୁ ଶ୍ରୀଲଙ୍କା ବିପକ୍ଷରେ କୌଣସି ଦିନିକିଆ ସିରିଜ୍‌ରେ ପରାଜିତ ନ ହେବାର ରେକର୍ଡ଼୍‌କୁ ବଜାୟ ରଖିବାକୁ ଚେଷ୍ଟା କରିବ ।